# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

**ପତ୍ରିକା ସଂଖ୍ୟା- ୯୩/୨୫**

**ଜିଲ୍ଲା-ବାଲେଶ୍ୱର** ତା.୨୧.୧୧.୨୦୨୫

**ପାଣିପାଗ ପୂର୍ବାନୁମାନ (ତା.୨୬.୧୧.୨୦୨୫ପର୍ଯ୍ୟନ୍ତ )-:** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,ଜିଲ୍ଲାରେ ଆସନ୍ତା ୫ ଦିନ ଶୁଖିଲା ପାଗର ସମ୍ଭାବନା ଅଛି । ପବନର ବେଗ ୦୭-୧୨ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୨-୩୩°C ଏବଂ ୧୯-୨୦°C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BALASORE | 2025-11-22 | 0 | 32 | 19 | 0 | 79 | 42 | 9 | 354 |
| | 2025-11-23 | 0 | 32 | 19 | 1 | 81 | 44 | 7 | 349 |
| | 2025-11-24 | 0 | 33 | 20 | 1 | 82 | 45 | 8 | 353 |
| | 2025-11-25 | 0 | 33 | 20 | 2 | 77 | 42 | 10 | 4 |
| | 2025-11-26 | 0 | 32 | 20 | 2 | 68 | 41 | 12 | 4 |

## ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| | | |
|---|---|---|
| **ସାଧାରଣ ଉପଦେଶ** | ➢ ପରିପକ୍ୱ ଧାନ ଫସଲ ଅମଳ କରନ୍ତୁ ଏବଂ ଖରାରେ ଶୁଖିବା ପରେ ଏହାକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ \|<br>➢ ଶୀତଦିନିଆ ପନିପରିବା ଫସଲର ରୋପଣ କାର୍ଯ୍ୟ ଶେଷ କରନ୍ତୁ \|<br>➢ ଛିଡା ହୋଇଥିବା ଫସଲ ଏବଂ ପନିପରିବା ପାଇଁ ଆବଶ୍ୟକ ଜଳସେଚନ ଯୋଗାନ୍ତୁ।<br>➢ ଧାନ କ୍ଷେତରେ ଗନ୍ଧିପୋକର  କାର୍ଯ୍ୟକଳାପ ଉପରେ ନଜର ରଖନ୍ତୁ ଏବଂ ଏହାକୁ ମାରିବା ପାଇଁ  ପୋଚା ଗେଣ୍ଡା ଶାମୁକା ଜାଲ ସ୍ଥାପନ କରନ୍ତୁ \|<br>➢ ପଶୁମାନଙ୍କରେ ଟୀକାକରଣ ପାଇଁ ନିକଟ ପ୍ରାଣୀ ଚିକିତ୍ସକଙ୍କ ସହିତ ପରାମର୍ଶ କରନ୍ତୁ \| | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| **ଖରିଫ ଧାନ** | **ଅମଳ ଅବସ୍ଥା** | ➢ ଧାନ ଫସଲ ଶତକଡା ୮୫ ଭାଗ ପାଚିଗଲା ପରେ କାଟି ଶୀଘ୍ର ଅମଳ କରିଦିଅନ୍ତୁ ।<br>➢ ଚାଷୀମାନେ  ପରିପକ୍ୱ ଧାନ ଦିନ ସମୟରେ ସୂର୍ଯ୍ୟକିରଣରେ ରଖି ଏହାର ଆର୍ଦ୍ରତା କମ୍ କରନ୍ତୁ।<br>➢ ଖଳା ଏବଂ ସଂରକ୍ଷଣ ସ୍ଥାନକୁ ସ୍ୱଚ୍ଛ ଏବଂ ଜୀବାଣୁନାଶକ  କରନ୍ତୁ।<br>➢ ଧାନ ଫସଲ ରେ ଜୀବାଣୁ ଜନିତ ପତ୍ର ପୋଡ଼ା ରୋଗ ଏବଂ ମହିଷା ରୋଗ ର ପରିଚାଳନା  ପାଇଁ ଏକର ପ୍ରତି (ଟେବୁକୋନାଜୋଲ୍ 50% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ 25% WG) @ ର ମିଳିତ ଫିମ୍ପିନାଶକ କୁ ୦.୪ ଗ୍ରାମ / ଲିଟର ପାଣିରେ ମିଶାଇ ସିଂ ଚନ କରନ୍ତୁ । |
| **ସୋରିଷ** | **ଜମି ପ୍ରସ୍ତୁତ** | ➢ ମାଟିର ଉପଯୁକ୍ତ ବତର ଥିବାରୁ ଏହାର ବିନିଯୋଗ କରି ସୋରିଷ ମଞ୍ଜି ବୁଣା ବୁଣି ଶୀଘ୍ର କରନ୍ତୁ ।<br>➢ ଉପଯୁକ୍ତ କିସମ ତୋରିଆ: ଅନୁରାଧା, ପାର୍ବତୀ, ସୁଶ୍ରୀ<br>ସୋରିଷ: ଏନ.ଆର.ସି.ଏଚ.ବି. ୧୦୧, ମାହିକୋ ବୋଲ୍ଡ, ଜେ.ଡି. ୬, ପୁଷା ଯଉକିଶାନ<br>➢ ବିହନ ପରିମାଣ: ୮-୧୦ କିଗ୍ରା / ହେକ୍ଟର<br>➢ ଧାଡି କୁ ଧାଡି ବ୍ୟବଧାନ: ୩୦ ସେ.ମି. x ୧୦ ସେ.ମି. |
| **ପନିପରିବା** | **ନର୍ସରୀ /ଫୁଲ ଅବସ୍ଥା** | ➢ ପନିପରିବାକୁ ଠିକ୍ ସମୟରେ ରୋପଣ କରିବା ପାଇଁ ଭଲ ଭାବେ ନର୍ସରୀ ଶଯ୍ୟା ପ୍ରସ୍ତୁତ କରନ୍ତୁ ଏବଂ ଏହାକୁ ରୋଗ ଏବଂ କୀଟମୁକ୍ତ କରିବା ପାଇଁ ଧୂଆଁକରଣ କୌଶଳ ଅବଲମ୍ବନ କରନ୍ତୁ।ପନିପରିବା ମଞ୍ଜି ବୁଣିବା ପୂର୍ବରୁ ସମ୍ପୂର୍ଣ୍ଣ ବିଘଟିତ କମ୍ପୋଷ୍ଟ ତଳି ପଟାଳିରେ ମିଶାଇବା ଉଚିତ୍।<br>➢ ପନିପରିବା ନର୍ସରୀରେ ଥିବା ଧଳା ମାଛି, ପତ୍ରପୋଡା, ପତ୍ରଉଙ୍କୁଣି ଏବଂ ଜଉ ପୋକଙ୍କ ନିୟନ୍ତ୍ରଣ ପାଇଁ ଥାୟମେଥୋକଜାମ ୦.୪ ଗ୍ରାମ/ଲିଟର ପାଣି ପ୍ରତି ସିଞ୍ଚନ କରନ୍ତୁ। |

| | | |
|---|---|---|
| | | ➢ ଚାରା ରୋପଣ ପୂର୍ବରୁ ଲିଟର ପାଣି ପ୍ରତି ୨ଗ୍ରାମ (ମେଟାଲାକସିଲ + ମାଙ୍କୋଜେବ) ସହ ୧ ଗ୍ରାମ ପ୍ଲାଣ୍ଟୋମାଇସିନ ମିଶାଇ ତଳି ବିଶୋଧନ କରନ୍ତୁ। |
| **ଫଳ** | | କଦଳୀ-ସିଗାଟୋକା ପତ୍ର ଦାଗ ରୋଗର ପ୍ରକୋପକୁ କମ୍ କରିବା ପାଇଁ (କାରବେଣ୍ଡାଜିମ + ମ୍ୟାଙ୍କୋଜେବ) ୨ଗ୍ରାମ/ଲିଟର ପାଣି ରେ ମିଶାଇ ପ୍ରୟୋଗ କରନ୍ତୁ ।<br>❖ ଅମୃତଭଣ୍ଡା -ଉପଯୁକ୍ତ କିସମ ଯଥା- କୁର୍ଗହନି ଦେଓ, ରାଞ୍ଚି ଡ୍ୱାର୍ଫ, ସୂର୍ଯ୍ୟ, ପୁସା ନାନହା,ରେଡ ଲେଡୀ ଚୟନ କରି ରୋପଣ କରନ୍ତୁ।<br>❖ ରୋପଣ ସମୟରେ ଭୂତାଣୁ ଜନିତ ପତ୍ରମୋଡା ରୋଗରୁ ରକ୍ଷା ପାଇବା ପାଇଁ 10g ଫିପ୍ରୋନିଲ 0.3 G ପ୍ରୟୋଗ କରନ୍ତୁ । |
| **ପଶୁପାଳନ** | | ❖ ଯଦି ପଶୁମାନଙ୍କୁ ଏଫଏମଡି, ହେମୋରେଜିକ୍ ସେପ୍ଟିକେମିଆ, ବ୍ଲାକ୍ କ୍ୱାର୍ଟର୍, ଏଣ୍ଟେରୋଟକ୍ସେମିଆ ଇତ୍ୟାଦି ଟୀକାକରଣ କରାଯାଇ ନାହିଁ, ତେବେ ତାହା କରିବା ଆବଶ୍ୟକ।<br>❖ ପଶୁମାନଙ୍କୁ ରୋଗ ଏବଂ କୀଟପତଙ୍ଗରୁ ରକ୍ଷା କରିବା ପାଇଁ ଗୁହାଳକୁ ସଫା ଏବଂ ଶୁଷ୍କ ରଖନ୍ତୁ। |

**ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା, QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।**

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital